## ବାଇକ୍ ଚୋରି ଅଭିଯୋଗରେ ୨ ଗିରଫ

ବୈଶିଙ୍ଗା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଅଁଳା କଲେଜ ନିକଟରୁ ବାଇକ୍ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ବାଲେଶ୍ୱର ଜିଲା ପୋଲିସଠାରୁ ସୂଚନା ପାଇ ବୈଶିଙ୍ଗା ପୋଲିସ ସଦଳବଳ ଜଗି ରହିଥଲା। ଅଭିଯୁକ୍ତ ଦ୍ୱୟ ଦୁଇଟି ବାଇକ୍ ଯୋଗେ ଆସୁଥିବା ବେଳେ ପୋଲିସକୁ ଦେଖି ବାଇକ୍ ଛାଡିଦେଇ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ପୋଲିସ ପିଛା କରି ଉଭୟଙ୍କୁ କାବୁ କରିଥିଲା। ତଦନ୍ତ ଜାରି ରହିଥିବାରୁ ପୋଲିସ ସେମାନଙ୍କ ପରିଚୟ ଗୋପନ ରଖିଛି।



## ସଂକ୍ଷେପରେ

### ପୋଲ ତଳୁ ମୃତଦେହ ଜବତ

ବାଙ୍ଗିରିପୋଷି,୯।୯(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ନାମ୍ଫି ଗ୍ରାମର ରୂପା ନାଏକଙ୍କ ପୁଅ ଶିରିଷ ନାଏକ(୫୨)ଙ୍କ ମୃତଦେହ ଶୁକ୍ରବାର ଏକ ପୋଲ ତଳୁ ଜବତ ହୋଇଛି। ଗୁରୁବାର ସନ୍ଧ୍ୟାରେ କାମ ଅଛି କହି ସେ ଘରୁ ବାହାରି ଯାଇଥିଲା ବେଳେ ଆଉ ଫେରି ନ ଥିଲେ। ସକାଳେ ପୋଲ ତଳେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅସାବଧାନତା ଯୋଗୁ ପୋଲ ତଳକୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ବାଙ୍ଗିରିପୋଷି ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଭାଜପା ସାଙ୍ଗଠନିକ ବୈଠକ

ସାରସକଣା,୯।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଝାରପୋଖରିଆ ସ୍ଥିତ ଘିଆଯୋଡ଼ି କଲ୍ୟାଣ ମଣ୍ଡପଠାରେ ସାରସକଣା ବ୍ଲକ ଭାଜପାର ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଝାରପୋଖରିଆ ମଣ୍ଡଳ ସଭାପତି ସପନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସାରସକଣା ବିଧାୟକ ଡା. ବୁଦ୍ଧାନ ମୁର୍ମୁ, ପୂର୍ବ ଜିଲା ସଭାପତି କାନ୍ଧ୍ରା ସୋରେନ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ପତଞ୍ଜଳୀ ନନ୍ଦ, ବିଧାୟକଙ୍କ ପ୍ରତିନିଧି ତପନ ହାୱଡ଼ା, ଜିଲା ସାଧାରଣ ସମ୍ପାଦକ ମନୋଜ ମହାନ୍ତ ଓ ବରିଷ୍ଠ ଆଇନଜୀବୀ ତଥା ସାଧାରଣ ସମ୍ପାଦକ ତାପସ ଦତ୍ତ, ସାରସକଣା ସାଧାରଣ ସମ୍ପାଦକ ସୁନୀଲ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବୁଥସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବାକୁ ଜିଲା ସଭାପତି ସୋରେନ ଆଲୋଚନା କରିଥିଲେ। ତେବେ ବୈଠକ ଶେଷ ହେବା ପରେ କର୍ମୀମାନେ ବିଧାୟକଙ୍କୁ ନେଇ ଅସନ୍ତୋଷ ଜାହିର କରିଥିଲେ। ଏନେଇ କେତେକ ପୁରୁଖା ଓ ନୂତନ କର୍ମୀମାନଙ୍କ ମଧ୍ୟରେ ପାଟିତୁଣ୍ଡ, ହୋ ହଲ୍ଲା ଲାଗି ରହିଥିବା ଦେଖିବାକୁ ମିଳିଥିଲା। ବରିଷ୍ଠ ସଦସ୍ୟମାନେ ଏହାର ସମାଧାନ ନେଇ କର୍ମୀମାନଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ଭାଜପାର ପଦଯାତ୍ରା, ପଥପ୍ରାନ୍ତ ସଭା

ମୋରଡ଼ା,୯।୯(ଡି.ଏନ.ଏ)- ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ମୋରଡ଼ା ବିଧାନସଭା କ୍ଷେତ୍ରସ୍ତରୀୟ ପଦଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସରୋଜିନୀ କିସ୍କୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଜପା ମୋରଡ଼ା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ତଥା ରାଜ୍ୟ ସହରାଞ୍ଚଳ କମିଟି ସଂଯୋଜକ କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ଉପସଭାପତି ପ୍ରଦୀପ କୁମାର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର, ଜିଲା କୋଷାଧ୍ୟକ୍ଷ ପ୍ରକାଶ ଅଗ୍ରୱାଲ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ମହାନ୍ତଙ୍କ ସମେତ ଶତାଧିକ ମହିଳା ମୋରଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ପରେ ମୋରଡ଼ା ଥାନା ଆଗରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

# 'ସଶସ୍ତ୍ର ମୁକ୍ତି ସଂଗ୍ରାମରେ ବାଲେଶ୍ୱର ମାଟି ହୋଇଛି ଧନ୍ୟ'

## ବାଘାଯତୀନଙ୍କ ୧୦୭ତମ ବଳିଦାନ ଦିବସ ସ୍ମୃତିସଭା

ବାଲେଶ୍ୱର ଅଫିସ, ୯।୯

ବାଲେଶ୍ୱର ରେମୁଣା ବ୍ଲକ ବୁଢ଼ାବଳଙ୍ଗ ନଦୀ ତ୍ରିବେଣୀଘାଟଠାରେ ଶୁକ୍ରବାର 'ମୁକ୍ତିଯୋଦ୍ଧା ଶହୀଦ ବାଘାଯତୀନ ଓ ଯୋଗୀ ହରିଗୋଲାମ ଦାସ ସ୍ମୃତି କମିଟି' ପକ୍ଷରୁ ବାଘାଯତୀନଙ୍କ ୧୦୭ତମ ରକ୍ତତୀର୍ଥ ଚଷାଖଣ୍ଡ ଯୁଦ୍ଧ ଓ ବଳିଦାନ ଦିବସର ସ୍ମୃତିସଭା ପାଳନ କରାଯାଇଛି। ୧୯୧୫ ସେପ୍ଟେମ୍ବର ୯ରେ ବ୍ରିଟିଶ ଅଧିକାରୀ, ସେନା ଓ ପୋଲିସ୍ ବାହିନୀ ବିପ୍ଳବୀମାନଙ୍କ ଅନୁଧାବନ କରୁଥିବା ବେଳେ କପ୍ତିପଦା ଚଢ଼ାଉ କରୁଥିଲେ। ବୀର ବାଘାଯତୀନ ଓ ତାଙ୍କ ସାଥୀଗଣଙ୍କ ସହ ଦୋଳଗହିରା ଦେଇ ବନ୍ୟାପ୍ଳାବିତ ବୁଢ଼ାବଳଙ୍ଗ ନଦୀକୁ ପାର ହୋଇଥିବା ସ୍ଥାନ (ଘାଟ)କୁ ତ୍ରିବେଣୀ ସଂଗ୍ରାମ ଜାରି ରଖିଥିଲେ। ତେଣୁ ଉକ୍ତ ଘାଟକୁ ବାଘାଯତୀନ ଘାଟ ନାମରେ ନାମିତ କରାଯିବା ନେଇ ଉପସ୍ଥିତ ଅତିଥିମାନେ ସର୍ବସମ୍ମତ ମତ ପ୍ରକାଶ କରିଥିଲେ।


ବୁଢ଼ାବଳଙ୍ଗ ନଦୀତଟ ତ୍ରିବେଣୀଘାଟରେ ବୀରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତିଳତର୍ପଣ।

ସ୍ମୃତି କମିଟି ସଭାପତି ବିଧାନଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତା କରିଥିବା ବେଳେ ତ୍ରିବେଣୀ ତୀର୍ଥ ଆଶ୍ରମର ମହନ୍ତ ମହାରାଜ ବାବାଜୀ ଦୟାନନ୍ଦ ଦାସଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଯୁବ ସାମାଜିକ କର୍ମୀ ଅରୁଣ ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। 'ଆସ ଆମେ ଶହୀଦଙ୍କୁ ଜାଣିବା, ଦେଶକୁ ଭଲପାଇବା ମାଆ, ମାଟି ପାଇଁ କାମ କରିବା' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ କିଶୋର ଦାଶ, ମୁଖ୍ୟବକ୍ତା ଭାବେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ରାଉତ, ସମ୍ମାନିତ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ, ଅଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ସାହିତ୍ୟିକ କବି କାଳିପଦ ପଣ୍ଡା, ବିପିନ ବିହାରୀ ବାରିକ, କରୁଣାକର ଖଟୁଆ, ଚକ୍ରଧର ଦାସ, ଯୋଗେଶ୍ୱର ପ୍ରଧାନ, ଗଙ୍ଗାଧର ଦାସ, ତୁଷାରକାନ୍ତି ମହାପାତ୍ର, ଅମୀୟ ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇ ବାଘାଯତୀନଙ୍କ ବଳିଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସଭା ପୂର୍ବରୁ ବାବାଜୀ ଦୟାନନ୍ଦ ଦାସଙ୍କ ପୌରୋହିତ୍ୟରେ ବୁଢ଼ାବଳଙ୍ଗ ନଦୀତଟ ତ୍ରିବେଣୀଘାଟରେ ବିଧିପୂର୍ବକ ଉକ୍ତ ବୀରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା। ସୁଲତା ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରିପଦାରେ ହାଇକୋର୍ଟ ବିଚାରପତି

## କୋର୍ଟ ପରିଦର୍ଶନ ସମେତ ଓକିଲଙ୍କ ସହ କଲେ ଆଲୋଚନା



ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

ବାରିପଦା ଅଫିସ,୯।୯

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଶୁକ୍ରବାର ବାରିପଦା ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଜିଲା ଦୌରାଜଜଙ୍କ କୋର୍ଟ ପରିଦର୍ଶନ କରିଥିଲେ। କୋର୍ଟ ପରିସରରେ ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏଥି ସହିତ ସେ ଜିଲା କୋର୍ଟ ପରିଦର୍ଶନ ଓ ଯାଞ୍ଚ କରିଥିଲେ। ବିଚାର ବିଭାଗୀୟ ଅଧିକାରୀ ଓ ଆଇନଜୀବୀମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଆଇନ ସେବା କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରି ଏହାର ସୁଫଳ କିପରି ଜିଲାର ଜନସାଧାରଣ ପାଇପାରିବେ ସେଥିପାଇଁ ଧ୍ୟାନ ଦେବା ଲାଗି ବିଚାରପତି ମହାପାତ୍ର ଆହ୍ୱାନ ଦେଇଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ବିଚାରପତି ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଓକିଲ ସଂଘ କର୍ମକର୍ତ୍ତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେଅବଗତ ହୋଇଥିଲେ। ଜିଲା ଓକିଲ ସଂଘର ସଭାପତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ନିରଞ୍ଜନ ସଭାପତି, ଶରତ ସମ୍ପାଦକ

## ପ୍ରେସ୍ କ୍ଲବ ନିର୍ବାଚନ


ସଭାପତି ନିରଞ୍ଜନ ନାୟକ ଓ ସମ୍ପାଦକ ଶରତ ଦାସ।

କେନ୍ଦୁଝର, ୯।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପ୍ରେସ କ୍ଲବର ନିର୍ବାଚନ ଶୁକ୍ରବାର ଶେଷ ହୋଇଛି । ସମୁଦାୟ ୩୦ ଜଣ ସଦସ୍ୟ ଭୋଟଦାନ କରିଥିଲେ । ନିରଞ୍ଜନ ନାୟକ ସଭାପତି, ସମ୍ପାଦକ ଭାବରେ ଶରତ ଦାସ ନିର୍ବାଚିତ ହୋଇଛନ୍ତି। ଅନ୍ୟ ପଦବୀଗୁଡିକରେ ନିର୍ଦ୍ୱନ୍ଦ୍ୱରେ ସମସ୍ତେ ନିର୍ବାଚିତ ହୋଇଥିଲେ । ଉପସଭାପତି ଭାବରେ ଜୟକୃଷ୍ଣ ପଣ୍ଡା, ରାଜେନ୍ଦ୍ର କୁମାର ମହାକୁଡ, ଯୁଗ୍ମ ସଭାପତି ଭାବେ ମାଷ୍ଟର ସରିନମ, ନିର୍ମଳ ଚନ୍ଦ୍ର ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ଦେବାଶିଷ ମିଶ୍ର ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିଶ୍ୱ ରଞ୍ଜନ ସାହୁ, ମଳୟ କୁମାର ପାଣି ନିର୍ବାଚିତ ହୋଇଛନ୍ତି । ବରିଷ୍ଠ ସମ୍ବାଦିକ ବିଭୂତି ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ମାନସ ତ୍ରିପାଠୀ ନିର୍ବାଚନ ପରିଚାଳନା କରିଥିଲେ ।

# ବତକ ଉଦ୍ଧାର କରିବାକୁ ଯାଇ ବୃଦ୍ଧଙ୍କ ମୃତ୍ୟୁ

ବାହାନଗା, ୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଷଠୀ ଗ୍ରାମର ଜଣେ ବୃଦ୍ଧ ବତକକୁ ଉଦ୍ଧାର କରିବାକୁ ଯାଇ ନିଜେ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ଷଠୀ ଗ୍ରାମର ଲକ୍ଷ୍ମୀକାନ୍ତ ଘଡେଇ(୬୦) ୩ ଦିନ ପୂର୍ବରୁ ଝିଅଘରକୁ ବୁଲିବାକୁ ଯାଇ ଗୁରୁବାର ଘରକୁ ଫେରିଥିଲେ। ତେବେ ଘର ପଛପଟେ ପୋଖରୀକୁ ଯାଇଥିବା ବେଳେ ସେଠାରେ ତାଙ୍କର ଏକ ବତକ ଛୁଆ ପୋଖରୀ ଦଳରେ ଲାଖି ଯାଇଥିବାରୁ ତାକୁ ଉଦ୍ଧାର କରିବାକୁ ପାଣି ଭିତରକୁ ପଶିଯାଇଥିଲେ। ତାଙ୍କର ଗୋଡ ଖସିଯିବାରୁ ସେ ବୁଡିଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ଲକ୍ଷ୍ମୀଧରଙ୍କୁ ଖୋଜାଖୋଜି କରିବା ପରେ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକ ଓ ପଡୋଶୀ ପାଣିରୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୁଣି ଧାରଣାରେ ବସିଲେ ବିସ୍ଥାପିତ



ବାଲିମୁଣ୍ଡାଠାରେ ଧାରଣାରତ ବିସ୍ଥାପିତମାନେ।

ପଦ୍ମପୁର, ୯।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡାଠାରେ ନିର୍ମାଣାଧୀନ ଏୟାରଷ୍ଟ୍ରିପ ଯୋଗୁ ବିସ୍ଥାପିତ ହୋଇଥିବା ୪୧ ପରିବାର ଶୁକ୍ରବାରଠାରୁ ପୁଣି ଧାରଣାରେ ବସିଛନ୍ତି। ଏୟାରଷ୍ଟ୍ରିପଠାରୁ ଜାମୁଝାଡ଼ି ଧାମରା ସଂଯୋଗୀକରଣ ରାସ୍ତାରେ ସେମାନେ ଧାରଣା ଦେଇଛନ୍ତି। ସେମାନଙ୍କ ଜମିର ଠିକ୍ ପ୍ରାପ୍ୟ ପ୍ରଦାନ, ବର୍ଷାଜଳ ନିଷ୍କାସନ, ସ୍ଥାନୀୟ ନିଯୁକ୍ତି, ସ୍ଥାନୀୟ ଗାଡ଼ିଗୁଡ଼ିକୁ ପରିବହନ କାର୍ଯ୍ୟରେ ଲଗାଇବା, ବିସ୍ଥାପିତମାନଙ୍କୁ ୧୦ ଡିସିମିଲ ଜମି ସହ ଆବାସ ଯୋଜନାରେ ଗୃହ ପ୍ରଦାନ ଆଦି ଦାବି ରହିଛି। ଏନେଇ ସେମାନେ ଗତ ଅଗଷ୍ଟରେ ଧାରଣାରେ ବସିଥିଲେ। ସେତେବେଳେ ପ୍ରଶାସନିକ ଅଧିକାରୀଙ୍କ ସହ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ପରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ କରାଯାଇ ନ ଥିବା ଅଭିଯୋଗ କରି ବିସ୍ଥାପିତମାନେ ପୁନର୍ବାର ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଭାଜପାର ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ସତ୍ୟରଞ୍ଜନ ସାମନ୍ତ, ରାମପଦ ମଣ୍ଡଳ, ତପନ ପାଲ ପ୍ରମୁଖ ବିସ୍ଥାପିତମାନଙ୍କ ସହ ଧାରଣାରେ ସାମିଲ ହୋଇଛନ୍ତି।

# ୫୦ ଶିକ୍ଷକଙ୍କୁ ଗୁରୁ ଗୌରବ ସମ୍ମାନ

ରୂପସା, ୯।୯(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅଧୀନ ବୈଦିକ ଗୁରୁକୁଳ ଆଶ୍ରମ, ପିଙ୍ଗୁାବଣିଆ ପରିସରରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ଆଶ୍ରମ ବ୍ରହ୍ମଚାରୀଙ୍କ ଦ୍ୱାରା ଗୁରୁମା, ଗୁରୁଜୀଙ୍କର ପଦଧୌତ କରାଯାଇ ଚନ୍ଦନ, ସିନ୍ଦୂର, ପୁଷ୍ପମାଲ୍ୟ ଉପଢ଼ୌକନ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ନୀଳମଣି ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ବଂଶୀଧର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ପିଲାଙ୍କୁ ଗଢ଼ି ତୋଳିବା ଆଦର୍ଶ ଗୁରୁଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ପଣ୍ଡିତ ସୁରେନ୍ଦ୍ର ସିଂହ ବେଦମନ୍ତ୍ର ପାଠ କରିଥିଲେ। ବରେଣ୍ୟ ଅତିଥି ପଣ୍ଡିତ



ଆଦର୍ଶ ଶିକ୍ଷକଙ୍କୁ ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଉଛି।

ନିରଞ୍ଜନ ପଣ୍ଡା ଶର୍ମା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରତିଭା ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ, ସାମାଜିକ କର୍ମୀ ସର୍ବେଶ୍ୱର ଜେନା, ସାମାଜିକ କର୍ମୀ ଭଗବାନ ମହାପାତ୍ର, ସୁଧାକର ଗିରି ପ୍ରମୁଖ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାକ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ୫୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଗୁରୁକୁଳ ତରଫରୁ ଆଦର୍ଶ ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାକ୍ତନ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅହିଂସା ରଥକୁ ସ୍ୱାଗତ

ଉଦଳା/ ଠାକୁରମୁଣ୍ଡା,୯।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳାଠାରେ ଶୁକ୍ରବାର ଅହିଂସା ରଥକୁ ସ୍ୱାଗତ କରାଯାଇଛି। ଅପରାହ୍ନରେ ଏହି ରଥ ଥାନାଛକଠାରେ ପହଞ୍ଚି ଥିଲା। ଉଦଳା ବିଡିଓ ଦେବଯାନୀ ଭୂୟାଁଙ୍କ ତତ୍ତ୍ୱାବଧାନରେ ମହିଳା ସହାୟକ ଗୋଷ୍ଠୀ, ଏନଏସି ଅଧିକାରୀ, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉପାଧ୍ୟକ୍ଷା ଲିଲି ଭୋଳ, ଉଦଳା ଉଚ୍ଚ ବିଦ୍ୟାଳୟର ଛାତ୍ର ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ଏକତ୍ରିତ ହୋଇ ଅହିଂସା ରଥକୁ ସ୍ୱାଗତ କରିଥିଲେ।

ସେହିପରି ଠାକୁରମୁଣ୍ଡାର ଗଡ଼ଭଙ୍ଗାଠାରେ ରଥ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ଓ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଠାକୁରମୁଣ୍ଡା–ଆନନ୍ଦପୁର ରାସ୍ତାର ସାତକୋଶିଆ, ମହୁଲଡ଼ିହା, ତରାମରା ଆଦି ସ୍ଥାନରେ ମହିଳା, ଛାତ୍ରଛାତ୍ରୀ, ନିର୍ବାଚିତ ଲୋକ ପ୍ରତିନିଧି, ସ୍ଥାନୀୟ ଜନସାଧାରଣ ରଥକୁ ସ୍ୱାଗତ କରିଥିଲେ। ଠାକୁରମୁଣ୍ଡା ବାଳିକା ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ବିଦ୍ୟାଳୟ, ବିଗ୍ରେଡିୟର ସୈନିକ ସ୍କୁଲ, ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର,ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଜାତୀୟ ପତାକା ଧରି ରଥକୁ ସ୍ୱାଗତ କରିଥିଲେ।

# ବାଲ୍ୟ ବିବାହ ରୋକିଲା ଚାଇଲ୍ଡଲାଇନ

ନୀଳଗିରି, ୯।୯(ସ୍ୱ.ପ୍ର.): ବାଲେଶ୍ୱର ଜିଲା ନୀଳଗିରି ଏନଏସି ୮ ନଂ. ୱାର୍ଡ ଗୁଡିଖାଣିଆ ଗ୍ରାମରେ ବାଲ୍ୟ ବିବାହ ଚାଲିଥିବା ବେଳେ ଖବର ପାଇ ଜିଲାପାଳଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଚାଇଲ୍ଡଲାଇନ ଓ ଖଇରା ଚାଇଲ୍ଡ ଲାଇନର ଅଧିକାରୀମାନେ ଚଢାଉ କରିଥିଲେ। ନାବାଳିକା ଓ ନାବାଳକଙ୍କୁ ଉଦ୍ଧାର କରି ନୀଳଗିରି ପୋଲିସକୁ ହସ୍ତାନ୍ତର କରିଥିଲେ। ନୀଳଗିରି ପୋଲିସ ବାଲେଶ୍ୱରସ୍ଥିତ ଶିଶୁ ମଙ୍ଗଳ କମିଟରେ ଛାଡିଥିବା ଜଣାପଡିଛି। ଏହି ଚଢାଉରେ ଚାଇଲ୍ଡ ଲାଇନ ପକ୍ଷରୁ ପଞ୍ଚାନନ ତ୍ରିପାଠୀ, ତପସ୍ୱିନି ରାଉତ ଏବଂ ନୀଳଗିରି ଆଇସିଡିଏସର ଏନଏସି ସୁପରଭାଇଜର ସାମିଲ ଥିଲେ।

# 'ଭାରତର ବୈଦେଶିକ ନୀତି ସ୍ଥିର ସହାବସ୍ଥାନରେ ବିଶ୍ୱାସ କରେ'

ଭଦ୍ରକ ଅଫିସ,୯।୯

ଭଦ୍ରକ ମହିଳା ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ପାନ (ଆଲୋଚନାଚକ୍ର) ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ। 'ଭାରତର ବୈଦେଶିକ ନୀତି ଚୀନ, ପାକିସ୍ଥାନ, ରୁଷିଆ ଓ ୟୁକ୍ରେନ ସହ ଏକ ବିଶେଷ ଆକଳନ' ଶୀର୍ଷକ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଏନ୍ଏମ୍ଏ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କମଳକାନ୍ତ ବିଶ୍ୱାଳ ଯୋଗଦେଇ ତଥ୍ୟ ସମ୍ବଳିତ ବକ୍ତବ୍ୟ ରଖିଥିଲେ। ଭାରତର ବୈଦେଶିକ ନୀତି ସର୍ବଦା ଏକ ସ୍ଥିର ସହାବସ୍ଥାନରେ ବିଶ୍ୱାସ କରେ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଛାତ୍ରୀ ମମତା ରଣା, ଦେବସ୍ମିତା ବିଶ୍ୱାଳ, ପୁଷ୍ପାଞ୍ଜଳି ଖଟୁଆ, ପ୍ରିୟପ୍ରିୟା ନାୟକ, କବିତା ଦାସ, ଶିବାନୀ ସୂତାର, ସୁନେହରା ପରଭିନ୍, ରୋହୀ ନାଜିଆ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ମନୋଜ ସାହୁଙ୍କ ସଂଯୋଜନାରେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ରାଜେଶ କୁମାର ପାହାରୀ ଭିତ୍ତି ପ୍ରବନ୍ଧ ପାଠ କରିଥିବା ବେଳେ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଅନୀତା ଦଳେଇ ସ୍ୱାଗତ ଭାଷଣ ଦେଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭଦ୍ରକ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

# ବର୍ଷା ଢାଳୁଛି, ନାଳ ନିର୍ମାଣ ଚାଲିଛି

## ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ

ଖଇରା, ୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ଗ୍ରାମ ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ଡ୍ରେନ ନିର୍ମାଣ କାର୍ଯ୍ୟ ବେପରୁଆ ଭାବେ କରାଯାଉଥିବାରୁ ମହତୀପୁର ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରବଳ ବର୍ଷାରେ ନାଳରେ ପାଣି ଭର୍ତ୍ତି ଥିବା ବେଳେ କଂକ୍ରିଟ ଢଳେଇ କରାଯିବାରେ ଏହାର ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ଗୁରୁବାର ଅପରାହ୍ନରେ କିଛି ଗ୍ରାମବାସୀ ଏହି ନିମ୍ନମାନର କାମ ବନ୍ଦ ପାଇଁ ଦାବି କରିଥିଲେ ହେଁ ଠିକାଦାର ଏଥିପ୍ରତି କର୍ଣ୍ଣପାତ ନ କରି କାର୍ଯ୍ୟ ଜାରି ରଖିଥିବା ଅଭିଯୋଗ ହୋଇଛି। ବର୍ଷାଋତୁରେ ଢଳେଇ କାର୍ଯ୍ୟ ବନ୍ଦ କରା ନ ଗଲେ ଗ୍ରାମବାସୀ ସୋର-କୁପାରୀ ରାସ୍ତାରେ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।


ବର୍ଷା ପରେ ପମ୍ପରେ ପାଣି ଉଠାଇ ଢଳେଇ କାର୍ଯ୍ୟ କରାଯାଉଛି।

୧ କି.ମି. ଡ୍ରେନ ନିର୍ମାଣ ପାଇଁ ପାଖାପାଖି ୧କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏପ୍ରିଲ ୧୭ରେ ଏହାର ଭୂମିପୂଜା କରାଯାଇଥିଲା। କାର୍ଯ୍ୟଗ୍ରାହୀ ଗ୍ରୀଷ୍ମ ଋତୁରେ ପାଗ ଶୁଖିଲା ଥିବା ବେଳେ କାମ କରିବା ପରିବର୍ତ୍ତେ ୪ ମାସ ପରେ ଧାରା ଶ୍ରାବଣରେ କାର୍ଯ୍ୟ ଆରମ୍ଭ କରିଥିଲେ, ଯାହାକି ନିମ୍ନମାନର। ଏବେ ରାସ୍ତା ଉପରେ ଡ୍ରେନ ଖୋଳା ପରେ କାଦୁଅ ପଚ ପଚ ମାଟିକୁ ଜମା କରି ରଖିବା ଯୋଗୁ ଯାତ୍ରୀମାନେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଡ୍ରେନ ସଂଲଗ୍ନ ପରିବାରଗୁଡ଼ିକ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ସିମେଣ୍ଟ, ରଡ୍, ଚିପ୍ସ ଓ ବାଲିର ଭାଗମାପରେ ବ୍ୟାପକ ଅନ୍ତର ଯୋଗୁ ଏହା କେତେବେଳେ ଯେ ଭୁଶୁଡ଼ିବ ତାହା କହିହେବ ନାହିଁ। ଯନ୍ତ୍ରୀଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ଏଭଳି ଅନିୟମିତତା ପାଇଁ ପ୍ରୋତ୍ସାହନ ଯୋଗାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ହରିଶଚନ୍ଦ୍ର ଦ୍ୱାରୀଙ୍କୁ ଯୋଗାଯୋଗ କରିବାରେ ସେ କନିଷ୍ଠଯନ୍ତ୍ରୀଙ୍କୁ ପଠାଇ ଏହାର ତଦାରଖ କରିବେ ବୋଲି କହିଛନ୍ତି।

**ବନ୍ତରେ ନୂଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ**

ବନ୍ତ,(ଡି.ଏନ.ଏ.)-ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଚିଠି ସଂଖ୍ୟା-୨୯୮୬୧/ତା ୮।୯।୨୨ ରିଖ ଅନୁଯାୟୀ ଭଦ୍ରକ ଜିଲା ବନ୍ତ ପଞ୍ଚାୟତ ସମିତିରେ ନୂଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ପ୍ରଦୀପ କୁମାର ସେଠିଙ୍କୁ ନିଯୁକ୍ତି ଦିଆଯାଇଛି। ଏହାପୂର୍ବରୁ ସେ ଯାଜପୁର ଜିଲା ଦର୍ପଣ ତହସିଲଦାର ଥିଲେ। ଅପରପକ୍ଷେ ପୂର୍ବରୁ ଏହି ବ୍ଲକରେ ଥିବା ବିଡିଓ ଶୁଭଦର୍ଶନ ମିଶ୍ରଙ୍କୁ ଯାଜପୁର ଜିଲା ଦର୍ପଣ ତହସିଲକୁ ତହସିଲଦାର ଭାବେ ବଦଳି କରାଯାଇଛି।

## ସଂକ୍ଷେପରେ

### ହାତୀପଲ ଭାଙ୍ଗିଲେଣି ୧୪ ଘର



ପାଟଣା,୯।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୨ଟିକିଆ ଝାଡଖଣ୍ଡି ହାତୀପଲ ଦୁଇ ସପ୍ତାହ ହେଲା ଉନ୍ମତ୍ତକାଣ୍ଡ ଘଟାଉଛନ୍ତି। ଏଯାଏଁ ୧୪ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ସାରିଲେଣି। ଏକର ଏକର ପରିମିତ ଧାନ, ବୋଇତାଳୁ ଫସଲ ନଷ୍ଟ କଲେଣି। ହେଲେ ବନ ବିଭାଗ ଜନବସତି ଠାରୁ ହାତୀଙ୍କୁ ଘଉଡାବାକୁ ସଫଳ ହୋଇପାରୁନାହିଁ। ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ପଇତାମଜା ଓ ବାଉଁଶନାଳି ଗାଁରେ ପଶି ଦୁଇଟି ଘର ଭାଙ୍ଗି ଦେଇଛନ୍ତି। ଶୁକ୍ରବାର ହାତୀପଲ ପୁରୁଣାପାଣି ଗାଁ ନିକଟରେ ବୁଲୁଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

### ଚିକିତ୍ସାଧୀନ ବିଷ୍ଣୁଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ଧାମନଗର,୯।୯(ସ୍ୱ.ପ୍ର.)-ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଭଦ୍ରକ ଜିଲା ଧାମନଗର ବିଧାୟକ ତଥା ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀଙ୍କୁ ଶୁକ୍ରବାର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭେଟିଛନ୍ତି। ଦୁଇଥର କରୋନା ଆକ୍ରାନ୍ତ ହେବା ପରେ ବିଧାୟକ ସେଠୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ପରେ ଉଚ୍ଚ ରକ୍ତଚାପ ସହ ମଧୁମେହ ଏବଂ ଯକୃତଜନିତ ସମସ୍ୟା ଯୋଗୁ ସେ ଗୁରୁତର ହୋଇ ଏମ୍ସ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଡାକ୍ତରଖାନାରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ପରେ ଡାକ୍ତରଙ୍କ ସହ ସେ ଆଲୋଚନା କରିଥିଲେ।

### କୁନ୍ଦନ କୁମାର ରୂପସା ଆରପିଏଫ୍ ଥାନା ଆଇଆଇସି

ବସ୍ତା/ରୂପସା, ୯।୯(ଡି.ଏନ.ଏ.)-ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଜିଲା ରୂପସା ଆରପିଏଫ ଥାନାର ନୂତନ ଆଇଆଇସି ଭାବେ କୁନ୍ଦନ କୁମାର ଝା ଯୋଗ ଦେଇଛନ୍ତି। ସେ ଏଥିପୂର୍ବରୁ ଛତିଶଗଡରେ ଥିଲେ। ଏହି ଥାନାରେ ଜଣେ ଆଇଆଇସିଙ୍କ ବ୍ୟତୀତ ଜଣେ ସବ୍‌ଇନିସ୍ପେକ୍ଟର, ୪ଜଣ ଏଏସ୍ଆଇ ଓ ୧୫ଜଣ କନଷ୍ଟେବଲ୍ ଅଛନ୍ତି। ଏହି ଥାନାର ପରିସୀମା ହଳଦୀପଦା ଷ୍ଟେଶନରୁ ଲକ୍ଷ୍ମଣନାଥ ଓ ରୂପସାରୁ ଠାକୁରମୁଣ୍ଡା ଷ୍ଟେଶନ ପର୍ଯ୍ୟନ୍ତ ରହିଛି। ପୂର୍ବରୁ ଏହା ଆଉଟପୋଷ୍ଟ ଥିବା ବେଳେ ବିଭାଗ ତରଫରୁ ଥାନା ମାନ୍ୟତା ପ୍ରଦାନ କରାଯାଇଛି। ଏଣିକି ବିଭିନ୍ନ ଷ୍ଟେଶନର ବୁକିଂ କାଉଣ୍ଟରରୁ ସାଧାରଣ ଯାତ୍ରୀ ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ଟ୍ରେନ ଟିକେଟ କିଣିପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

### ବଜ୍ରପାତରେ ମହିଳା ମୃତ

କୁଳିଅଣା,୯।୯(ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ବାଇଗଣବାଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଭୋଲଗୋଡ଼ିଆ ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସିନ୍‌ଗ ସୋରେନ(୬୫)। ଘରବାଡ଼ି ପଟକୁ ଯାଇଥିବା ସମୟରେ ବଜ୍ରପାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ବଜ୍ରପାତରେ ମାରାଂତାଣ୍ଡି ପଞ୍ଚାୟତ ଭୂୟାଁଗୋଡ଼ା ଗ୍ରାମର ହରିଶ ଗିରିଙ୍କ ଏକ ଗାଈର ମୃତ୍ୟୁ ହୋଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଭଣ୍ଡାରିପୋଖରୀ, ୯।୯(ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନେରଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳାକାନ୍ତ ରାଉତ(୮୪)ଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଛି। ସେ ଜଣେ ମେଳାପି, ମିଷ୍ଟଭାଷୀ ଓ ପରୋପକାରୀ ମଣିଷ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡିର ରାଜ୍ୟ ସମ୍ପାଦକ ଇଂ. ପ୍ରୟାସକାନ୍ତି



ସାମଲ, ବ୍ଲକ ଅଧ୍ୟକ୍ଷ ସୁମତି ସେଠି, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲା ପରିଷଦ ସଭ୍ୟ ବଦ୍ରି ନାରାୟଣ ରାଉତ, ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ଦେବଦାସୀ ଜେନା, ସାମାଜିକ କର୍ମୀ ଶଶିକାନ୍ତ ଜେନା, ଯୁବନେତା ସୌମ୍ୟ ଜେନା, ହେମନ୍ତ ଜେନା, ଦୁର୍ଯ୍ୟୋଧନ ବାରିକ, ପୂର୍ବତନ ସରପଞ୍ଚ ମନୋଜ ନାୟକ, ବିଜୟ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଅନ୍ଧାରରେ ୫ ହଜାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

**ବିଚିତ୍ର ଶିକ୍ଷା ବ୍ୟବସ୍ଥା**

କେନ୍ଦୁଝର, ୯।୯ (ସ୍ୱ.ପ୍ର.)

ଶିକ୍ଷା ବିଭାଗର ବିଚିତ୍ର ବ୍ୟବସ୍ଥା ଯୋଗୁଁ କେନ୍ଦୁଝର ଜିଲାର ୪୦ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲରେ ପାଠ ପଢୁଥିବା ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହେବାକୁ ବସିଛି। ଶିକ୍ଷୟିତ୍ରୀ, ଶିକ୍ଷକ ଅଭାବରୁ ଏହି ହାଇସ୍କୁଲର ପିଲାମାନେ ପାଠ ପଢିପାରୁ ନାହାନ୍ତି।

ପୂର୍ଣ୍ଣ ଅନୁଦାନପ୍ରାପ୍ତ ସଦର ବ୍ଲକ ଏସଏମଆର ହାଇସ୍କୁଲରେ ପାଖାପାଖି ୧୫୦ ପିଲା ପଢୁଥିବା ବେଳେ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି । ଶିକ୍ଷକ ଓ କର୍ମଚାରୀ ଅବସର ନେବା ପରେ ଆଉ ପୂରଣ ହେଉନାହିଁ । ଏହି ହାଇସ୍କୁଲରେ ଅନୁମୋଦିତ ଶିକ୍ଷୟିତ୍ରୀ,ଶିକ୍ଷକ ପଦ ୭ ରହିଥିବା ବେଳେ କିରାଣି, ପିଅନ, ଜଗୁଆଳି ଆଦି କର୍ମଚାରୀଙ୍କ ସଂଖ୍ୟା ୫ ରହିଛି। କିନ୍ତୁ ଏବେ ମାତ୍ର ୨ ଜଣ ଶିକ୍ଷକଙ୍କ ଦ୍ୱାରା ଏହି ସ୍କୁଲ ପରିଚାଳିତ । ଏ ନେଇ ବିଦ୍ୟାଳୟ କମିଟିର ସଭାପତି ଅକ୍ଷୟ କୁମାର ମହାରଣା ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଜଣାଇବା ସହିତ କଂପ୍ୟୁଟର ଶିକ୍ଷକ ନିଯୁକ୍ତି ଦେବାକୁ ଦାବି କରିଛନ୍ତି । ବିଶେଷ କରି ବିଜ୍ଞାନ, ହିନ୍ଦି, ପିଇଟି ଭଳି ଗୁରୁତ୍ୱପୂର୍ଣ୍ଣ ଶିକ୍ଷକ ଅଭାବ ଯୋଗୁଁ ପାଠପଢା ଠପ ହୋଇଯାଇଥିବାରୁ ପିଲା ମାନେ ବାଧ୍ୟହୋଇ ଘରୋଇ ଟ୍ୟୁସନ ଉପରେ ନିର୍ଭର କରୁଛନ୍ତି। ଗରିବ ଶ୍ରେଣୀର ପିଲାମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ତେରୋଣ୍ଟି ଲକ୍ଷ୍ମୀପାଟ ହାଇସ୍କୁଲରେ ୪ ଜଣ, ଖଡିକାପଦା ପଞ୍ଚାୟତ ହାଇସ୍କୁଲରେ ୩ଜଣ, ଶାଳପଡା କ୍ଷେତ୍ରମୋହନ ବିଦ୍ୟାପୀଠରେ ୩ ଜଣ, ଦରଡିପାଳ ଜିପିଏମ ହାଇସ୍କୁଲରେ ୩ ଜଣ, ରେବଣା ପଳାଶପାଳ ହାଇସ୍କୁଲରେ ୩ ଜଣ, ଖୁଣ୍ଟାପଡା ବ୍ରହ୍ମେଶ୍ୱର ହାଇସ୍କୁଲରେ ୩, କୁନ୍ତଳା ଏମକେ ହାଇସ୍କୁଲରେ ୪, ବିରକୁଣ୍ଡି ଶ୍ରମଶକ୍ତି ହାଇସ୍କୁଲରେ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଏଭଳି ପ୍ରାୟ ସମସ୍ତ ହାଇସ୍କୁଲରେ କାମଚଳା ଶିକ୍ଷକରେ ଶିକ୍ଷାଦାନ ଚାଲିଥିବା ଜଣାପଡିଛି।

ପ୍ରକାଶ ଯେ, ସରକାରଙ୍କ ନୀତିନିୟମ କେବଳ ସରକାରୀ ହାଇସ୍କୁଲ ଗୁଡିକରେ ଲାଗୁ କରାଯାଇ ଶିକ୍ଷାର ମାନଦଣ୍ଡ ବୃଦ୍ଧି କରାଯାଉଛି । କିନ୍ତୁ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲଗୁଡିକର ଶିକ୍ଷାର ମାନଦଣ୍ଡର ବିକାଶ ପାଇଁ ଆଦୌ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଫଳରେ ସ୍କୁଲ ଆରମ୍ଭ ହେବା ସମୟରେ ଯେଉଁମାନେ ଯୋଗଦେଇଥିଲେ ସେମାନଙ୍କ ଅବସର ପରେ ଆଉ ନିଯୁକ୍ତି କରାଯାଉନଥିବାରୁ ସେସବୁ ହାଇସ୍କୁଲଗୁଡିକ ଶିକ୍ଷୟିତ୍ରୀ ଶିକ୍ଷକଶୂନ୍ୟ ହେବାକୁ ବସିଛି । ନିଯୁକ୍ତି ହେଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ହୋତା କହିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ପୂର୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ ପୂର୍ଣ୍ଣ କ୍ଷମତାପ୍ରାପ୍ତ ହାଇସ୍କୁଲଗୁଡିକରେ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ସରକାରଙ୍କ କୌଣସି ବ୍ୟବସ୍ଥା ନାହିଁ। ସେଭଳି କୌଣସି ବ୍ୟବସ୍ଥା ହେଲେ ନିଯୁକ୍ତି ଦିଆଯିବ । ଏହିସବୁ ସ୍କୁଲଗୁଡିକର ଖାଲିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସୂଚନା ଓ ସମସ୍ୟା ସରକାରଙ୍କୁ ନିୟମିତ ଅବଗତ କରାଯାଉଛି । ଏଭଳି ସମସ୍ୟା ଜିଲାର ୪୦ଟି ହାଇସ୍କୁଲରେ ଦେଖାଦେଇଥିଲେ ହେଁ ଶିକ୍ଷା ବିଭାଗ ନିଯୁକ୍ତି କରିବା ନେଇ ବ୍ୟବସ୍ଥା କରୁ ନ ଥିବାରୁ ପାଠ ପଢୁଥିବା ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହେବାକୁ ବସିଛି ।

## ଭଦ୍ରକରେ ଖୋଲିଲା ହାଭେଲ୍‌ସର ନୂଆ ଷ୍ଟୋର



ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୯।୯

ହାଭେଲ୍‌ସ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଶୁକ୍ରବାର ଭଦ୍ରକ ନୂଆବଜାରଠାରେ ଏକ୍ସକ୍ଲୁସିଭ୍ ରିଟେଲ ଶୋ'ରୁମ୍ ଉଦ୍‌ଘାଟିତ ହୋଇଛି। ଶୋ'ରୁମ୍‌ର ପ୍ରୋପ୍ରାଇଟର ଦୁର୍ଗାଚରଣ ସାମଲଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ଭୁବନେଶ୍ୱର ସାମଲ ବ୍ରଦର୍ସର ମ୍ୟାନେଜିଂ ଡାଇରେକ୍ଟର ରଣଜିତ ସାମଲ ଓ ହାଭେଲ୍‌ସ କମ୍ପାନୀର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ଦେବାଶିଷ ମିତ୍ର ଯୋଗଦେଇ ଶୋ'ରୁମ୍‌ର ଶୁଭ ଉଦ୍‌ଘାଟନ କରିଥିଲେ। ଗ୍ରାହକମାନଙ୍କର ଆଧୁନିକ ଜୀବନଶୈଳୀର ସମସ୍ତ ଚାହିଦା ପୂରଣ ପାଇଁ ଏହି ଶୋ'ରୁମ୍‌ରେ କମ୍ପାନୀର ନୂଆ ମଡେଲର କେବୁଲ, ଫ୍ୟାନ୍, ସିଏଫ୍‌ଏଲ୍ ଲାଇଟ୍, ଇଲେକ୍ଟ୍ରିକାଲ ୱାଟର ହିଟର, ୱାଟର ପ୍ୟୁରିଫାୟର, କୁଲର, ରୁମ୍ ହିଟର, ମୋଟର ପମ୍ପ, ଇଲେକ୍ଟ୍ରିର ସମସ୍ତ ଘରୋଇ ଉପକରଣ ଉପଲବ୍ଧ ରହିଛି। ଗ୍ରାହକମାନଙ୍କର ଆଧୁନିକ ଚଳଣି, ଚାହିଦା ଏବଂ ସେମାନଙ୍କର ଜୀବନଶୈଳୀକୁ ଆମର ସମସ୍ତ ପ୍ରଡକ୍ଟ ସହଜ କରିପାରିବ ବୋଲି ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ମିତ୍ର କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାହାସ ରଞ୍ଜନ ସାମଲ, ବ୍ରଜବାସୀ ସାମଲଙ୍କ ସମେତ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଟୋଲ୍‌ଗେଟ କର୍ମଚାରୀଙ୍କୁ ପାରିଶ୍ରମିକ ମିଳୁ ନ ଥିବା ଅଭିଯୋଗ


ଖନ୍ତାପଡା ଥାନା ସମ୍ମୁଖରେ ଟୋଲଗେଟ୍ କର୍ମଚାରୀ।

**ଠିକା ସଂସ୍ଥାର ୨ କର୍ମଚାରୀ ଅଟକ**

ବାଲେଶ୍ୱର ଅଫିସ, ୯।୯

ବାଲେଶ୍ୱର ଜିଲା ଶେରଗଡ଼ ଟୋଲଗେଟ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ୨ ମାସର ପାରିଶ୍ରମିକ ମିଳି ନ ଥିବା ଖନ୍ତାପଡା ଥାନାରେ ଅଭିଯୋଗ ହୋଇଛି। ଏହାସହିତ ଉଚିତ୍ ପାରିଶ୍ରମିକ ମିଳୁ ନ ଥିବା ବେଳେ ସେମାନେ ଠକେଇର ଶିକାର ହେଉଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ଠିକା ସଂସ୍ଥାର ଦୁଇଜଣ ଉପରିସ୍ଥ କର୍ମଚାରୀ (ମ୍ୟାନେଜର)ଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଥିବା ଜଣାପଡିଛି। ଟୋଲଗେଟ୍‌ର କର୍ମଚାରୀମାନେ ଥାନା ଆଗରେ ସେମାନଙ୍କୁ ଜଗି ରହିଛନ୍ତି।

ଶେରଗଡ଼ ଟୋଲଗେଟର ଦାୟିତ୍ୱ ନେଇଥିବା ବାଲାଜୀ ଟୋଲ ରୋଡ ପ୍ରାଇଭେଟ୍ ଲିମିଟେଡର ଗତ ୧ତାରିଖରୁ ଠିକା ଅବଧି ଶେଷ ହୋଇଛି। ଏବେ ଏହି ଟୋଲଗେଟ୍‌ର ଦାୟିତ୍ୱ ଏସ୍. କେ. ଶୁକ୍ଲା ଟୋଲ ରୋଡ ପ୍ରାଇଭେଟ୍ ଲିମିଟେଡ ନେଇଛି । ତେବେ ପୂର୍ବରୁ ଠିକା ଦାୟିତ୍ୱରେ ଥିବା ବାଲାଜୀ ଟୋଲ ରୋଡ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା କାର୍ଯ୍ୟାଧିନ ୩୦ ଜଣ କର୍ମଚାରୀଙ୍କୁ ୨ମାସର ଦରମା ନ ଦେଇ ସଂସ୍ଥାର ଅଧିକାରୀମାନେ ଖସି ପଳାଉଥିବା ବେଳେ କର୍ମଚାରୀମାନେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ୨ ମ୍ୟାନେଜର ସନ୍ତୋଷ ଗାଏକ୍ୱାର୍ଡ ଓ ବିନାୟକ ଧଳଙ୍କୁ ଖନ୍ତାପଡ଼ା ଥାନାରେ ଅଟକ ରଖି ତଦନ୍ତ କରୁଛି।

## ଶହୀଦ ଦିବସ ପାଳନ ନେଇ ପ୍ରସ୍ତୁତି

ଧାମନଗର, ୯।୯(ସ୍ୱ.ପ୍ର.): ଭଦ୍ରକ ଜିଲା ଧାମନଗରର ଐତିହାସିକ ଲୁଣିଆ ଗୁଳିକାଣ୍ଡର ୮୦ତମ ସ୍ମାରକୀ ଶହୀଦ ଦିବସ ପାଳନ ପାଇଁ ଶହୀଦନଗର ହାଇସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶହୀଦ ସ୍ମୃତି ରକ୍ଷା କମିଟିର ଉପସଭାପତି ବୈକୁଣ୍ଠ ନାଥ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକଙ୍କ ପ୍ରତିନିଧି ସୂରଜ ସୂର୍ଯ୍ୟବଂଶୀ, ବରିଷ୍ଠ ନେତା ଅଶୋକ କୁମାର ପୁହାଣ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ଅଜୟ କୁମାର ବଳ, ଅରବିନ୍ଦ ପତି, ସ୍ମୃତି ରକ୍ଷା କମିଟିର ସାଧାରଣ ସମ୍ପାଦକ ଗୟାଧର ନାୟକ, ପ୍ରମୋଦ ଦାସ, ପଣ୍ଡିତ ନିରଞ୍ଜନ ସେନାପତି, ସରପଞ୍ଚ ସରୋଜ ସ୍ୱାଇଁ, ସୂରଜ ସାହୁ, ସଞ୍ଜୀବ ବେହେରା, ଚିତ୍ରଶିଳ୍ପୀ ଜୟନ୍ତ ନାୟକ, ଦେବାଶିଷ ନାୟକ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୨ତାରିଖରେ ଶହୀଦ ଦିବସ ପାଳନ କରାଯିବ। ସତ୍ୟନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସାଧାରଣ ସମ୍ପାଦିକା ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅକ୍ଟୋବର ୨୧ରୁ କୃଷକ ସଭା ସମ୍ମିଳନୀ

ଖଇରା, ୯।୯

କୃଷି ଓ କୃଷକର ସମସ୍ୟା ଉପରେ ବ୍ୟାପକ ଆଲୋଚନା ପାଇଁ ଓଡ଼ିଶା କୃଷକ ସଭାର ୧୮ତମ ସମ୍ମିଳନୀ ଔପଦା ଓ ଖଇରା ଆଞ୍ଚଳିକ କମିଟିର ମିଳିତ ସହଯୋଗରେ ବାଲେଶ୍ୱର ଜିଲା ଖଇରା ବ୍ଲକର ବାବାଜୀ ବିଶ୍ୱାଳ ନଗରଠାରେ ଅନୁଷ୍ଠିତ ହୋଇଛି। ଆସନ୍ତା ଅକ୍ଟୋବର ୨୧ ଓ ୨୨ ଦୁଇଦିନ ଧରି ଆୟୋଜିତ ହେବାକୁ ଏହି କାର୍ଯ୍ୟକ୍ରମର ସଫଳ ପାଇଁ ପ୍ରସ୍ତୁତି ବୈଠକ ଶହୀଦ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜଗତାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ସମ୍ପାଦକ ସୀତାଂଶୁ ସେନାପତି, ଭଗବାନ ସାହୁ, ମୂରଲୀଧର ବେହେରା, ଔପଦା ଆଞ୍ଚଳିକ କମିଟି ସମ୍ପାଦକ ଗୋବିନ୍ଦ ବାରିକ ପ୍ରମୁଖ କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ବିଭିନ୍ନ ଦରବୃଦ୍ଧି ଲାଗି ଆନ୍ଦୋଳନ କରାଯିବ ସେଥିପାଇଁ କୃଷକସଭା ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି ସମ୍ପାଦକ ସେନାପତି କହିଛନ୍ତି । ସଭାର ଠିକ ପରିଚାଳନା ନିମନ୍ତେ ଅଭ୍ୟର୍ଥନା କମିଟି ଘୋଷଣା କରାଯାଇଥିଲା। ଅଧ୍ୟକ୍ଷ ଭାବେ ଜଗତାନନ୍ଦ ମହାପାତ୍ର, ଉପାଧ୍ୟକ୍ଷ ଭାବେ ଭରତ ପଣ୍ଡା, ଅଜୟ ପଟ୍ଟନାୟକ, ଦୀପକ ମହାପାତ୍ର, ପ୍ରଶାନ୍ତ ବାରିକ, ସମ୍ପାଦକ ଭାବେ ଭଗବାନ ଦାସ, ବସନ୍ତ କୁମାର ମାଝି ଓ ସହସମ୍ପାଦକ ଭାବେ ମୂରଲୀଧର ବେହେରା, ଗୋବିନ୍ଦ ବାରିକ ଏବଂ ପଦ୍ମଲୋଚନ ଜେନାଙ୍କୁ ମନୋନୀତ କରାଯାଇଥିଲା ।



କୃଷକ ସଭା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ।

## ଶିବିରରେ ୨୨୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାଲେଶ୍ୱର ଅଫିସ, ୯।୯

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ଇମାମୀ ପେପର ମିଲ୍ ପରିସରସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପେପର ମିଲ୍ କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗ ତଥା ସ୍ଥାନୀୟ ଲୋକ ମୋଟ୍ ୨୨୦ ଜଣ ଚିକିତ୍ସିତ ହୋଇଛନ୍ତି।

ଇମାମୀ ପେପର ମିଲ୍‌ସ ଲିମିଟେଡ୍‌ର ସାଧାରଣ ପରିଚାଳକ ଡ. ୟୁସୁଫ୍ ଅଲ୍ଲୀ ଶୋଲାଙ୍କି, ଅତିରିକ୍ତ ସାଧାରଣ ପରିଚାଳକ ତଥା ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଏହାକୁ ଉଦ୍‌ଘାଟନ କରି ତଦାରଖ କରିଥିଲେ। ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲର ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ସଂଘମିତ୍ରା ଦାସ, ହୃଦ୍‌ରୋଗ ବିଶେଷଜ୍ଞ ଡା. ବିକ୍ରମକେଶରୀ ମହାପାତ୍ର, ସାଧାରଣ ବିଶେଷଜ୍ଞ ଡା. ସମ୍ବିତ ଶର୍ମା, ଲୋକ ସମ୍ପର୍କ ଅଧିକାରୀ ସୌମ୍ୟ ମହାନ୍ତି ଓ ତାଙ୍କର ପାରା ମେଡ଼ିକାଲ ଷ୍ଟାଫ୍ ସମସ୍ତଙ୍କର ବ୍ଲଡ଼ସୁଗାର, ବ୍ଲଡ଼ପେସର, ଇସିଜି, ଚକ୍ଷୁ ପରୀକ୍ଷା କରାଯାଇ ଚିକିତ୍ସା ଏବଂ ପ୍ରତିକାର ସମ୍ପର୍କରେ ଅବଗତ କରିଥିଲେ। ଇମାମୀ ସ୍ୱାସ୍ଥ୍ୟସେବା କେନ୍ଦ୍ରର ଡା. ଓମ୍‌କାର ମହାପାତ୍ର, ବରିଷ୍ଠ ଫାର୍ମାସିଷ୍ଟ ଅକ୍ଷୟ କିଶୋର ଦାସ, ସଞ୍ଜିତ କୁମାର ସାହୁ, ଫାର୍ମାସିଷ୍ଟ ରମାକାନ୍ତ ଦାସ, ବରିଷ୍ଠ କର୍ମଚାରୀ ବୀରେନ୍ଦ୍ର ନାୟକ, ଜିତେନ୍ଦ୍ର ଉପାଧ୍ୟାୟ, ବିଚିତ୍ର ସ୍ୱାଇଁ, ବଳଭଦ୍ର ତ୍ରିପାଠୀ ପ୍ରମୁଖ ସହାୟତା କରିଥିଲେ। ଏଥିରେ ଫେସିଲିଟର ଭାବେ କୋଲକାତାସ୍ଥିତ ମେଡ଼ିଆସିଷ୍ଟ ଇନ୍‌ସ୍ୟୁରାନ୍ସ ଟିପିଏ ପ୍ରାଇଭେଟ୍ ଲିମିଟେଡ୍ ଓ ଅର୍ଗାନାଇଜର ଭାବେ ମାର୍ଶ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ବ୍ରୋକର୍ସ ଯୋଗଦେଇଥିଲେ।

## ସ୍ତ୍ରୀ ହତ୍ୟା ଅଭିଯୋଗ: ସୋରରୁ ସ୍ୱାମୀ ଗିରଫ

ସୋର, ୯।୯(ଡି.ଏନ.ଏ.)

୨୦୨୧ରେ କଟକ ବଡ଼ମ୍ବା ନରସିଂହପୁର ନୂଆଗାଁର ଜଣେ ଡ୍ରାଇଭରଙ୍କ ସ୍ତ୍ରୀ ବିଷ ପିଇ ଆତ୍ମହତ୍ୟା କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଶ୍ୱଶୁର ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଡ୍ରାଇଭରଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଗୁରୁବାର ଡ୍ରାଇଭରଜଣକ ଯାଜପୁରରୁ ଗୋପାଳପୁରକୁ ସିମେଣ୍ଟ ନେଇଆସିଥିବା ଖବରପାଇ ନରସିଂହପୁର ପୋଲିସ ସୋରରେ ପହଞ୍ଚି ଗିରଫ କରି ନେଇଛନ୍ତି।

ନରସିଂହପୁର ନୂଆଗାଁର ରୁଷିୟା ପ୍ରଧାନଙ୍କ ପୁଅ ପ୍ରଶାନ୍ତ ୨୦୧୧ରେ ନିକଟସ୍ଥ ରାଉତଭୂଇଁ ଗ୍ରାମର ସୁଶାନ୍ତ ସାମଲଙ୍କର ଝିଅ ସୁଭଦ୍ରାଙ୍କୁ ବିବାହ କରିଥିଲେ। ୨୦୨୧ ମାର୍ଚ୍ଚ ୧୧ରେ ଏକ ବିବାହ ଭୋଜି ଚାଲିଥିବା ବେଳେ ସେମାନଙ୍କ ମଧ୍ୟରେ ଝଗଡା ଲାଗିବା ଫଳରେ ସୁଭଦ୍ରା ବିଷ ପିଇଦେଇଥିଲେ। ମାତ୍ର ତାଙ୍କର କଟକ ବଡ଼ ମେଡ଼ିକାଲରେ ମୃତ୍ୟୁ ହୋଇଥିଲା। ଏହାର ୬ ମାସ ପରେ ସୁଭଦ୍ରାଙ୍କ ବାପା ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

## ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରର ଉନ୍ନତୀକରଣ ହେବ: ଜିଲାପାଳ

**ବିଶ୍ୱ ଫିଜିଓଥେରାପି ଦିବସ ପାଳିତ**

କେନ୍ଦୁଝର, ୯।୯(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ରାଙ୍କିସ୍ଥିତ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରଠାରେ ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଆଶିଷ ଠାକ୍‌ରେ ଯୋଗଦେଇ କହିଲେ, ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରର ଅଧିକ ଉନ୍ନତୀକରଣ କରାଯିବ। ଡିଏମ୍ଏଫ୍ ସହଯୋଗରେ ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଦିନଠାରୁ ମହନୀୟ ସେବା ଯୋଗାଇଆସୁଛି। ଏହି କେନ୍ଦ୍ରରେ ଫିଜିଓଥେରାପି ଚିକିତ୍ସା କରାଯାଇ ରୋଗୀମାନଙ୍କୁ କୃତ୍ରିମ ଅଙ୍ଗ, ପ୍ରତ୍ୟଙ୍ଗ ଏବଂ ହ୍ୱିଲଚେୟାର/ମୋଟରାଇଜ ହୁଇଲ ଚେୟାର ପ୍ରଦାନ କରାଯାଉଛି। କେବଳ କେନ୍ଦୁଝର ଜିଲା ନୁହେଁ, ବାହାର ଜିଲାର ରୋଗୀ ମଧ୍ୟ ଏହି କେନ୍ଦ୍ର ଜରିଆରେ ସେବା ପାଉଛନ୍ତି ବୋଲି ଜିଲାପାଳ କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟର ଫିଜିଓଥେରାପି ବିଭାଗ ଡାକ୍ତର ଶୈଲେସ କୁମାର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗବନ୍ଧୁ ମୋଦୀ, ଅସ୍ଥିଶଲ୍ୟ ବିଭାଗର ପ୍ରଫେସର ଡ଼ାଃ ସୋରେନ ଏବଂ ଡିପିଏମ୍ ଏନ୍‌ଏଚ୍‌ଏମ୍ ନିତ୍ୟରଞ୍ଜନ ବରାଳ ଯୋଗ ଦେଇଥିଲେ। ଡିଏମ୍‌ଏଫ୍ ସହଯୋଗରେ ୧୦ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର,୨ ଜଣଙ୍କୁ ହାଇ ଏଣ୍ଡ ଲିମ୍ବ ଏବଂ ୮ ଜଣଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ଡିଏମ୍‌ଏଫ୍ ଟିମ୍ ମୁଖ୍ୟ ନିର୍ମଳ ଯୋଶୀ,ବରିଷ୍ଠ ପ୍ରକଳ୍ପ ଅଧିକାରୀ ମୃଣାଳିନୀ ମନୱାଡକର ପ୍ରମୁଖ ସହଯୋଗ କରିଥିଲେ।



ଫିଜିଓଥେରାପି ଦିବସ ଅବସରରେ ଆୟୋଜିତ ବୈଠକରେ ଉପସ୍ଥିତ ଅଧିକାରୀ।

## ରାଇକମା ଆଶ୍ରମ ବିଦ୍ୟାଳୟ ଛାତ୍ରୀ ରାଜ୍ୟସ୍ତରକୁ ମନୋନୀତ

**କ୍ରୀଡ଼ା ପ୍ରତିଭା ଚୟନ**

ବୈଶିଙ୍ଗା,୯।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ପଞ୍ଚାୟତର ରାଇକମା ଆଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଭାରତୀ କିସ୍କୁ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସକାଶେ ମନୋନୀତ ହୋଇଛନ୍ତି। ଏନେଇ ଜିଲା ବାଲ୍ୟବିବାହ ନିରୋଧ କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ କୁମାର କର, ଶିଶୁ ବିକାଶ କାର୍ଯ୍ୟକ୍ରମ ଅଧିକାରିଣୀ ଉପମା ଗନ୍ତାୟତ, ଅଁଳା ଏବଂ ଖୁଣ୍ଟାପୁର ସେକ୍ଟରର ସୁପରଭାଇଜର ଛବିରାଣୀ ବେହେରା ପ୍ରମୁଖ ଫୁଟବଲ ତଥା ଖେଳ ପୋଷାକ ପ୍ରଦାନ କରି ଭାରତୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହିତ ବାଲ୍ୟ ବିବାହ ନିରୋଧ ସମ୍ପର୍କରେ ଏକ କର୍ମଶାଳାର ମଧ୍ୟ ଆୟୋଜନ ହୋଇଥିଲା। ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ବିପଦସଙ୍କୁଳ ପୋଲ

**ଭାଙ୍ଗିଗଲାଣି ସୁରକ୍ଷାବାଡ଼**

ବନ୍ତ,୯।୯(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ଶାସନ ନିକଟ କପାଳୀ ନଦୀ ଉପରେ ନିର୍ମିତ ପୋଲ ମରାମତି ଅଭାବରୁ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ୧୫ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ପୋଲର ଉଭୟପାର୍ଶ୍ୱର ସୁରକ୍ଷାବାଡ଼ ଭାଙ୍ଗିଯାଇଛି। ପୋଲର ଛାତ ଦବିଯାଇଥିବା ବେଳେ ଖାଲଖମା ମଧ୍ୟ ଦେଖିବାକୁ ମିଳିଛି। ରାଜ୍ୟ ରାଜପଥର ତରଡ଼ିପାଳ ଛକଠାରୁ କନ୍ତିଆ ଚଣ୍ଡିଆଡ଼ି ପର୍ଯ୍ୟନ୍ତ ଯାଇଥିବା ୪ କି.ମି. ରାସ୍ତା ମଧ୍ୟରେ ଥିବା ଏହି ପୋଲ ଉପରେ କନ୍ତିଆ ଶାସନ, ଯେନାସାହି, ରାଉତସାହି, କଟେରୀସାହି, ମଣ୍ଡଳସାହିର ଲୋକେ ନିର୍ଭର କରନ୍ତି। ଦୈନନ୍ଦିନ ଛାତ୍ରୀଛାତ୍ର ପୋଲ ଦେଇ ନିକଟବର୍ତ୍ତୀ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାତାୟାତ କରୁଛନ୍ତି। ବିପଦସଙ୍କୁଳ ସେତୁ ଉପରେ ଦୈନିକ ଶତାଧିକ ଲୋକ ଯିବାଆସିବା କରୁଛନ୍ତି। ସେହିପରି ଦୁଇ ଓ ଚାରିଚକିଆ ଯାନ ମଧ୍ୟ ଯାତାୟାତ କରୁଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ପ୍ରଶାସନ ପକ୍ଷରୁ ତୁରନ୍ତ ପୋଲର ମରାମତି କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଭଦ୍ରକସ୍ଥିତ ଡ୍ରେନେଜ ବିଭାଗ କନିଷ୍ଠ ଯନ୍ତ୍ରୀ ଶଙ୍କର୍ଷଣ ମଣ୍ଡଳଙ୍କୁ ପଚାରିବାରୁ ସ୍ଥାନୀୟ ଲୋକେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଲେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ଜଣେ ବାଳକ ବିପଦସଙ୍କୁଳ ପୋଲ ଦେଇ ସ୍କୁଲକୁ ଯାଉଛନ୍ତି।

